দি ନ୍ୟୁ ଫ୍ରେଣ୍ଡସ୍ କୋ-ଅପରେଟିଭ୍ ହାଉସ୍ ବିଲଡିଙ୍ଗ ସୋସାଇଟି ଲିମିଟେଡ୍

ବନାମ

ରାଜେଶ ଚାୱଲା ଏବଂ ଅନ୍ୟମାନେ

ଏପ୍ରିଲ 21, 2004

[ଡୋରାଇସ୍ୱାମୀ ରାଜୁ ଏବଂ ଅରିଜିତ ପଶାୟତ, ନ୍ୟାୟମୂର୍ତ୍ତିଦ୍ୱୟ]

ଭାରତର ସମ୍ବିଧାନ, 1950:

ଅନୁଚ୍ଛେଦ 226- ସମବାୟ ସମିତି- ନିର୍ବାଚନ- "ଖିଲାପକାରୀ" ହୋଇଥିବା ଆଧାରରେ ନାମାଙ୍କନ ପତ୍ରର ପ୍ରତ୍ୟାଖ୍ୟାନ- ଉଠାଯାଇଥିବା ଦାବି ଗ୍ରହଣୀୟ ନୁହେଁ ବୋଲି ଉଚ୍ଚ ନ୍ୟାୟାଳୟଙ୍କ ନିର୍ଣ୍ଣୟ- ଅନ୍ୟ ସଦସ୍ୟମାନଙ୍କୁ ମଧ୍ୟ ଫେରସ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି- ନିର୍ଣ୍ଣୟ ହୋଇଛି, ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ଗ୍ରହଣୀୟ ନୁହେଁ- ଜଣେ ବ୍ୟକ୍ତି ସଦସ୍ୟ ଅଟନ୍ତି କି ନାହିଁ, ସେହି ବିବାଦର ବିଚାର ଉପଯୁକ୍ତ ଆଇନଗତ ପ୍ରକ୍ରିୟା ମାଧ୍ୟମରେ ହେବା ଉଚିତ ଏବଂ ପ୍ରଥମ ଦୃଷ୍ଟିରୁ ଏଥିପାଇଁ ଉଚ୍ଚ ନ୍ୟାୟାଳୟରେ ଆଜ୍ଞାଦେଶ ଆବେଦନ ଆଗତ କରିବା ଏକ ସଠିକ ପନ୍ଥା ନଥିଲା- ଅନ୍ୟଥା, ଏହା କେବଳ ନିର୍ବାଚନର ସୀମିତ ଉଦ୍ଦେଶ୍ୟ ପାଇଁ ହୋଇପାରେ, ଏବଂ ପକ୍ଷମାନଙ୍କର ଅଧିକାର ଏବଂ ଦାୟିତ୍ୱ, ବୈଧାନିକ ମଞ୍ଚ ଦ୍ୱାରା ନିର୍ଣ୍ଣୟ ସାପେକ୍ଷ ହେବ ।

ଆବେଦନକାରୀ-ସମିତିର ସଭାପତି, ସଦସ୍ୟ ଏବଂ ଉପାଧ୍ୟକ୍ଷ ପଦବୀ ପାଇଁ ଯଥାକ୍ରମେ ଉତ୍ତରଦାତା ସଂଖ୍ୟା 1 ରୁ 3, ନାମାଙ୍କନ ପତ୍ର ଦାଖଲ କରିଥିଲେ । ଏହି ସମୟରେ, ଏକ ଖିଲାପକାରୀଙ୍କ ତାଲିକା ପ୍ରସ୍ତୁତ କରାଯାଇଥିଲା ଏବଂ ଉତ୍ତରଦାତାମାନଙ୍କ ନାମାଙ୍କନ ପତ୍ରଗୁଡିକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା । ନିର୍ବାଚନ ଅଧିସୂଚନାକୁ ରଦ୍ଦ କରିବା ଏବଂ ଆବଶ୍ୟକ ତଦନ୍ତ ପରେ ନୂତନ ଖିଲାପକାରୀଙ୍କ ତାଲିକା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେବା ପାଇଁ ଅନ୍ୟାନ୍ୟ ବିଷୟ ମଧ୍ୟରେ ସେମାନେ ଉଚ୍ଚ ନ୍ୟାୟାଳୟରେ ଏକ ଆଜ୍ଞାଦେଶ ଆବେଦନ ଦାଖଲ କରିଥିଲେ । ଉଚ୍ଚ ନ୍ୟାୟାଳୟ ନିର୍ଣ୍ଣୟ ନେଇଛନ୍ତି ଯେ ଉତ୍ତରଦାତା ସଂଖ୍ୟା 1 ରୁ 3 ଖିଲାପକାରୀ ନୁହଁନ୍ତି ଏବଂ ସେମାନଙ୍କ ବିରୋଧରେ ଉଠାଯାଇଥିବା ଦାବି ଗ୍ରହଣଯୋଗ୍ୟ ନୁହେଁ । ଏଥିରେ ଆହୁରି କୁହାଯାଇଛି ଯେ ଏପରି ଅନେକ ସଦସ୍ୟ ରହିଥାଇପାରନ୍ତି, ଯେଉଁମାନଙ୍କ ପାଇଁ ସମାନ ଦାବି ଜାରି କରାଯାଇଥିଲା ଏବଂ ସେମାନେ ମଧ୍ୟ ସମିତିରୁ ଅର୍ଥ ଫେରସ୍ତ ପାଇବାକୁ ହକଦାର ଥିଲେ।ବ୍ୟଥିତ ହୋଇ, ସମିତି ବର୍ତ୍ତମାନର ଆବେଦନ ଦାଖଲ କରିଛି ।

ଆବେଦନର ଫଏସଲା କରି, ଏହି ନ୍ୟାୟାଳୟ

ନିର୍ଣ୍ଣୟ ନେଇଛନ୍ତି ଯେ: 1.1. ଜଣେ ସଦସ୍ୟ ଖିଲାପକାରୀ ଥିଲେ କି ନାହିଁ, ତାହାର ବିଚାର ଉପଯୁକ୍ତ ଆଇନଗତ ପ୍ରକ୍ରିୟା ମାଧ୍ୟମରେ ହେବା ଆବଶ୍ୟକ ଏବଂ ପ୍ରଥମ ଦୃଷ୍ଟିରେ ଏଥିପାଇଁ ଆଜ୍ଞାଦେଶ ଆବେଦନ ଆଗତ କରିବା ଏକ ସଠିକ୍ ମାର୍ଗ ନଥିଲା । ଅଧିକନ୍ତୁ, ନ୍ୟାୟାଳୟର ଦ୍ୱାରସ୍ଥ ହୋଇନଥିବା ଅନ୍ୟ ସଦସ୍ୟମାନଙ୍କୁ ଟଙ୍କା ଫେରସ୍ତ କରିବା ପାଇଁ ନିର୍ଦ୍ଦେଶ ଦେବା, ବୁଦ୍ଧିର ପ୍ରୟୋଗ ବିନା କରାଯାଇଛି ଏବଂ ଯାହାର ଆଦୌ ଆବଶ୍ୟକତା ନଥିଲା । ଫଳସ୍ୱରୂପ, ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ଗ୍ରହଣଯୋଗ୍ୟ ନୁହେଁ।

1.2. ଧରିନିଆଯାଉ ଯେ ନିର୍ବାଚନ ପରିଚାଳନା ସମୟରେ ଅଭିଯୁକ୍ତ ଖିଲାପକାରୀମାନଙ୍କ ପକ୍ଷରୁ ରଖାଯାଇଥିବା ଯୁକ୍ତିକୁ ଗ୍ରହଣ କରାଯାଇପାରିବ ଏବଂ ତାହାର ଯାଞ୍ଚ କରାଯାଇପାରିବ, ତଥାପି ଯଦି ଏପରି କରାଯାଏ, ତେବେ ତାହା କେବଳ ନିର୍ବାଚନର ସୀମିତ ଉଦ୍ଦେଶ୍ୟ ପାଇଁ ହିଁ ହୋଇପାରିବ; ଏବଂ ପକ୍ଷମାନଙ୍କର ଅଧିକାର ଓ ଦାୟିତ୍ୱଗୁଡ଼ିକର ଚୂଡ଼ାନ୍ତ ଏବଂ ପ୍ରଭାବଶାଳୀ ନିଷ୍ପତ୍ତି ଦେୱାନୀ ଅଦାଲତ ବଦଳରେ ଆଇନ ଅନୁଯାୟୀ ପ୍ରଦାନ କରାଯାଇଥିବା ମଧ୍ୟସ୍ଥତା ପ୍ରକ୍ରିୟା ଦ୍ୱାରା ହିଁ କରାଯିବ; ଏବଂ ନିର୍ବାଚନ ପ୍ରକ୍ରିୟା ସମୟରେ ଯେଉଁ ନିଷ୍ପତ୍ତି ନିଆଯାଇଥିବ, ତାହା କେବଳ ସେହି ବୈଧାନିକ ମଞ୍ଚର କାର୍ଯ୍ୟାନୁଷ୍ଠାନ ଅଧୀନରେ ରହିବ ଏବଂ ତାହା ଉପରେ କୌଣସି ପ୍ରତିକୂଳ ପ୍ରଭାବ ପକାଇବ ନାହିଁ । ଯେକୌଣସି ପରିସ୍ଥିତିରେ ଉପଯୁକ୍ତ ଶୁଣାଣି ଏବଂ ପ୍ରାସଙ୍ଗିକ ତଥ୍ୟର ବିଚାର ନକରି, ଉଚ୍ଚ ନ୍ୟାୟାଳୟ ଆକସ୍ମିକ ସିଦ୍ଧାନ୍ତରେ ପହଞ୍ଚିଥିବା ପରି ମନେହୁଏ ।

2. ଉଚ୍ଚ ନ୍ୟାୟାଳୟଙ୍କ ରାୟକୁ ଅଗ୍ରାହ୍ୟ କରାଯାଇଛି ଏବଂ ନୂତନ ଭାବେ ବିଚାର ପାଇଁ ମାମଲାଟିକୁ ପୁନର୍ବାର ପଠାଯାଇଛି । ବିବାଦର ସମାଧାନ ପାଇଁ ମାମଲାଟିକୁ ମଧ୍ୟସ୍ଥତା ଦ୍ୱାରା ନିଷ୍ପତ୍ତି କରିବାକୁ ଅନୁରୋଧ କରି ଉତ୍ତରଦାତା 1 ରୁ 3, ସମବାୟ ସମିତିର ନିବନ୍ଧକଙ୍କ ନିକଟରେ ଆବେଦନ କରିଛନ୍ତି, ଯାହାକି ସେମାନଙ୍କର ଦେୱାନୀ ଦାୟିତ୍ୱର ଚୂଡ଼ାନ୍ତ ଏବଂ ପ୍ରଭାବଶାଳୀ ଭାବେ ନ୍ୟାୟିକ ନିଷ୍ପତ୍ତି କରିବା ପାଇଁ ଏକମାତ୍ର ସଠିକ୍ ପ୍ରକ୍ରିୟା ଅଟେ । ଏହି ବିଷୟର ପରିପ୍ରେକ୍ଷୀରେ, ଉଚ୍ଚ ନ୍ୟାୟାଳୟ ଆଜ୍ଞାଦେଶ ଆବେଦନରେ ଉତ୍ଥାପନ ହୋଇଥିବା ପ୍ରସଙ୍ଗଗୁଡ଼ିକର ବିଚାର କରିବାର ଯଥାର୍ଥତା ଉପରେ ବିଚାର କରିବେ ।

ଦେୱାନୀ ଆବେଦନ କ୍ଷେତ୍ରାଧିକାର: ଦେୱାନୀ ଆବେଦନ ସଂଖ୍ୟା 538/2004

29.7.2003 ତାରିଖରେ, ଦିଲ୍ଲୀ ଉଚ୍ଚ ନ୍ୟାୟାଳୟଙ୍କ ସି. ଡବ୍ଲ୍ୟୁ. ପି. ସଂଖ୍ୟା 895/2003 ରେ ପ୍ରଦାନ କରାଯାଇଥିବା ରାୟ ଏବଂ ଆଦେଶରୁ ଏହି ଆବେଦନ ଆସିଛି ।

କେ. କେ. ଗୁପ୍ତାଙ୍କ ପାଇଁ ଏ. କେ. ଠାକୁର ଆବେଦନକାରୀ ପାଇଁ ।

ସୁଶ୍ରୀ ବିଭା ଦତ୍ତ ମାଖିଜାଙ୍କ ପାଇଁ ସିଦ୍ଧାର୍ଥ ଦାଭେ ଉତ୍ତରଦାତାମାନଙ୍କ ପାଇଁ ।

ନ୍ୟାୟାଳୟର ରାୟ ପ୍ରଦାନ କରାଯାଇଥିଲା

ନ୍ୟାୟମୂର୍ତ୍ତି ଅରିଜିତ ପଶାୟତଙ୍କ ଦ୍ୱାରା । ଆବେଦନକାରୀ-ସମିତି, ଦିଲ୍ଲୀ ଉଚ୍ଚ ନ୍ୟାୟାଳୟର ଦୁଇଜଣିଆ ଖଣ୍ଡପୀଠ ଦ୍ୱାରା ଦିଆଯାଇଥିବା ରାୟର ବୈଧତା ଉପରେ ପ୍ରଶ୍ନ ଉଠାଇଛନ୍ତି ଯେଉଁଥିରେ ଏହା କୁହାଯାଇଥିଲା ଯେ ଉତ୍ତରଦାତା 1 ରୁ 3, ଖିଲାପକାରୀ ନୁହଁନ୍ତି,ତେଣୁ 1984 ଅଗଷ୍ଟ 4 ପୂର୍ବରୁ ସେମାନଙ୍କ ବିରୋଧରେ ଉଠାଯାଇଥିବା ଦାବି ଗ୍ରହଣଯୋଗ୍ୟ ନଥିଲା । ଉତ୍ତରଦାତା ସଂଖ୍ୟା 1 ରୁ 3, ଉଚ୍ଚ ନ୍ୟାୟାଳୟରେ ସେମାନଙ୍କ ଦ୍ୱାରା ଆଗତ କରାଯାଇଥିବା ଆଜ୍ଞାଦେଶ ଆବେଦନରେ, ଆଜ୍ଞାଦେଶ ଆବେଦନକାରୀ ସଂଖ୍ୟା 1 ରୁ 3 ଥିଲେ । ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପୁନଶ୍ଚ ନିର୍ଦ୍ଦେଶ ଦିଆଯାଇଥିଲା ଯେ ଅନେକ ସଦସ୍ୟ ରହିଥାଇପାରନ୍ତି, ଯେଉଁମାନଙ୍କ ନିକଟକୁ ସମାନ ଦାବି ପଠାଯାଇଛି । ସେମାନଙ୍କଠାରୁ ସମିତି ଦ୍ୱାରା ନିଆଯାଇଥିବା ଯେକୌଣସି ଦେୟ ଫେରସ୍ତ ପାଇବାକୁ ମଧ୍ୟ ସେମାନେ ହକଦାର ଥିଲେ ।

ଆବେଦନକାରୀ-ସମିତିର ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ଜାରି କରାଯାଇଥିବା 1.2.2003 ତାରିଖର ଆଦେଶ ରଦ୍ଦ କରିବା ଏବଂ ତାଙ୍କ ଦ୍ୱାରା ପାରିତ 23.1.2003 ତାରିଖର ଆଦେଶ ରଦ୍ଦ କରିବା କରିବା ଏବଂ ଖିଲାପକାରୀଙ୍କ

ବିଷୟରେ ନୂତନ ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେବା ପାଇଁ ଅନୁରୋଧ ସହିତ ଉତ୍ତରଦାତାମାନଙ୍କ ଦ୍ୱାରା ଲିଖିତ ଆବେଦନ ଦାଖଲ କରାଯାଇଥିଲା । 1.2.2003 ରେ ହେବାକୁ ଥିବା ନିର୍ବାଚନ ପାଇଁ ସେମାନେ ସମିତିର ସଭାପତି, ସଦସ୍ୟ ଏବଂ ଉପାଧ୍ୟକ୍ଷ ପଦବୀ ପାଇଁ ନାମାଙ୍କନ ପତ୍ର ଦାଖିଲ କରିଥିଲେ । ଆଜ୍ଞାଦେଶ ଆବେଦନର ପଠନରୁ ଜଣାପଡ଼େ ଯେ ସେମାନେ, ପ୍ରସ୍ତୁତ ହୋଇଥିବା ଖିଲାପକାରୀଙ୍କ ତାଲିକାରେ ସନ୍ତୁଷ୍ଟ ନଥିଲେ । ଏହି ଆଜ୍ଞାଦେଶ ଆବେଦନ 8.1.2003 ରେ ଦାଖଲ କରାଯାଇଥିଲା । ଆଜ୍ଞାଦେଶ ଆବେଦନକାରୀମାନେ ଖିଲାପକାରୀ ନୁହନ୍ତି ବୋଲି ସେମାନେ ରଖିଥିବା ଆଭିମୁଖ୍ୟ କିଭଳି ସଠିକ୍ ନଥିଲା, ତାହା ଦର୍ଶାଇ, ଆବେଦନକାରୀ ସମିତିର ସମ୍ପାଦକଙ୍କ ଦ୍ୱାରା ଏକ ସତ୍ୟପାଠ ଦାଖଲ କରାଯାଇଥିଲା । ଏହା ନିର୍ଦ୍ଦିଷ୍ଟ ଭାବରେ ଦର୍ଶାଯାଇଛି ଯେ ଏହି ଅଦାଲତରେ ଦାଖଲ ହୋଇଥିବା ଆବେଦନରେ ହିସାବ ବହି ଏବଂ ଚିଠିପତ୍ର, 9.7.2003 ରେ ଉପସ୍ଥାପିତ ହୋଇଥିଲା । ମାମଲାଟି 25.7.2003 ରେ ତାଲିକାଭୁକ୍ତ ହୋଇଥିଲା କିନ୍ତୁ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟରେ ଓକିଲମାନଙ୍କ ଧର୍ମଘଟ କାରଣରୁ କୌଣସି ଶୁଣାଣି ହୋଇନଥିଲା । କିନ୍ତୁ ଆବେଦନକାରୀଙ୍କ ଅଧିକାରୀମାନେ ହିସାବ ବହି ଏବଂ ନଥି ସହିତ ଅଦାଲତରେ ଉପସ୍ଥିତ ଥିଲେ ।

ଆଜ୍ଞାଦେଶ ଆବେଦନକାରୀମାନେ ଖିଲାପକାରୀ ଅଟନ୍ତି କି ନୁହନ୍ତି, ସେ ବିଷୟରେ ଉଚ୍ଚ ନ୍ୟାୟାଳୟ ରାୟ ଦେଇଥିବା ପରି ମନେହୁଏ । 4.8.1984 ତାରିଖର ଏକ ଚିଠିର ଉଲ୍ଲେଖ କରାଯାଇଥିଲା, ଯେଉଁଥିରେ ଦର୍ଶାଯାଇଥିଲା ଯେ ସେକ୍ଟର VIII, ପ୍ଲଟ୍ ସଂଖ୍ୟା 230 ର ମାଲିକ ଶ୍ରୀ ରାଜେଶ ଏବଂ ଶ୍ରୀ ରାଜୀବ ଚାୱଲାଙ୍କ ବିରୋଧରେ କୌଣସି ବକେୟା ରାଶି ବାକି ନାହିଁ । କୌଣସି ବକେୟା ଅର୍ଥ ଜମା ହେବାକୁ ଅଛି କି ନାହିଁ, ତାହା ସାଧାରଣତଃ ଏକ ଆଜ୍ଞାଦେଶ ଆବେଦନ ମାଧ୍ୟମରେ ଚୂଡ଼ାନ୍ତ ଭାବେ ନିଷ୍ପତ୍ତି କରାଯାଇପାରିବ ନାହିଁ; ଏବଂ ବିଶେଷ କରି ସେତେବେଳେ, ଯେତେବେଳେ ଏହି ଆବେଦନଟି ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ନିର୍ବାଚନ ପ୍ରକ୍ରିୟା ସମୟରେ ଆନୁଷଙ୍ଗିକ ଭାବେ ଦିଆଯାଇଥିବା ଏକ ନିଷ୍ପତ୍ତି ବିରୋଧରେ ଦାଖଲ କରାଯାଇଛି । ସମବାୟ ସମିତିର ସାମ୍ବିଧାନିକ ପରିଚାଳନା ଏବଂ କାର୍ଯ୍ୟକାରିତା ପାଇଁ ପୃଥକ ପୃଥକ ମଞ୍ଚ ଉପଲବ୍ଧ ଅଛି, ଯେଉଁଠାରେ କେବଳ ପକ୍ଷମାନଙ୍କର ପ୍ରମୁଖ ନାଗରିକ ଅଧିକାରକୁ ପ୍ରଭାବିତ କରୁଥିବା ବିବାଦଗୁଡ଼ିକର ହିଁ ଆଇନଗତ ସମାଧାନ କରାଯାଇପାରିବ । ଉଚ୍ଚ ନ୍ୟାୟାଳୟ ଏହିଭଳି ସମସ୍ତ ପ୍ରାସଙ୍ଗିକ ଦିଗଗୁଡ଼ିକୁ ବିଚାରକୁ ନେଇନଥିବା ପରି ମନେହେଉଛି ଏବଂ ସେ ଉପରଠାଉରିଆ ତଥା ସଂକ୍ଷିପ୍ତ ଭାବରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ପରି ଜଣାପଡୁଛି ।ଆଜ୍ଞାଦେଶ ଆବେଦନରେ କରାଯାଇଥିବା ପ୍ରାର୍ଥନାର ଉଦ୍ଦେଶ୍ୟ ନିମ୍ନଲିଖିତ ଭାବେ ଥିଲା:

> "(i) ସମିତିର ବର୍ତ୍ତମାନର ପରିଚାଳନା କମିଟି ଦ୍ୱାରା ଦାଖଲ କରାଯାଇଥିବା ଅଭିଯୋଗ ଆଧାରିତ ଖିଲାପକାରୀଙ୍କ ତାଲିକାର ଯାଞ୍ଚ କରିବା ପାଇଁ ଦ୍ୱିତୀୟ ଏବଂ ତୃତୀୟ ବିପକ୍ଷଙ୍କୁ ନିର୍ଦ୍ଦେଶ ଦେଇ ଏକ ପରମାଦେଶ କିମ୍ବା ସେହିଭଳି ଅନ୍ୟ କୌଣସି ଆଜ୍ଞାଦେଶ, ଆଦେଶ କିମ୍ବା ନିର୍ଦ୍ଦେଶ ଜାରି କରାଯାଉ;
>
> (ii) ପରମାଦେଶ କିମ୍ବା ସେହିଭଳି ଅନ୍ୟ କୌଣସି ଆଜ୍ଞାଦେଶ, ନିର୍ଦ୍ଦେଶ କିମ୍ବା ଆଦେଶ ଜାରି କରି ଦ୍ୱିତୀୟ ଏବଂ ତୃତୀୟ ଉତ୍ତରଦାତାଙ୍କୁ ଆବଶ୍ୟକୀୟ ତଦନ୍ତ କରିବା ପରେ, ସମିତିର ସଦସ୍ୟମାନଙ୍କର ଏକ ନୂତନ ଏବଂ ପ୍ରକୃତ ଖିଲାପକାରୀ ତାଲିକା ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଉ;
>
> (iii) ସମିତିର ପରିଚାଳନା କମିଟି, 1.2.2003 ତାରିଖରେ ନିର୍ବାଚନ କରିବା ପାଇଁ ପ୍ରସ୍ତାବ ଦେଇ ଜାରି କରାଯାଇଥିବା 6.01.2002 ତାରିଖର ବିଜ୍ଞପ୍ତିକୁ ରଦ୍ଦ କରିବା ପାଇଁ ଏକ ଉତପ୍ରେଷଣ ଆଜ୍ଞାଦେଶ କିମ୍ବା ସେହିଭଳି ଅନ୍ୟ କୌଣସି ଆଜ୍ଞାଦେଶ, ନିର୍ଦ୍ଦେଶ କିମ୍ବା ଆଦେଶ ଜାରି କରନ୍ତୁ;

(iv) ଏକ ନିଷେଧାଜ୍ଞା କିମ୍ବା ସେହିଭଳି କୌଣସି ଆଜ୍ଞାଦେଶ, ଆଦେଶ କିମ୍ବା ନିର୍ଦ୍ଦେଶ ଜାରି କରାଯାଉ, ଯାହାଦ୍ୱାରା ଏଠାରେ ଦର୍ଶାଯାଇଥିବା ଉତ୍ତରଦାତା ସଂଖ୍ୟା 5 ଏବଂ 6 ଙ୍କୁ 1.2.2003 ତାରିଖରେ ସମିତିର ସଦସ୍ୟମାନଙ୍କ ନିର୍ବାଚନ କରିବାରୁ ବାରଣ କରାଯାଇପାରିବ; ଏବଂ

(v) ଏହି ମାମଲାର ତଥ୍ୟ ଏବଂ ପରିସ୍ଥିତିକୁ ଦୃଷ୍ଟିରେ ରଖି ଉଭୟ ପକ୍ଷଙ୍କୁ ସମ୍ପୂର୍ଣ୍ଣ ନ୍ୟାୟ ପ୍ରଦାନ କରିବା ପାଇଁ ମାନ୍ୟବର ନ୍ୟାୟାଳୟ ଯାହା ଉଚିତ ଏବଂ ଉପଯୁକ୍ତ ମଣିବେ, ସେହିଭଳି ଅନ୍ୟ ସମସ୍ତ ଆଦେଶ ପ୍ରଦାନ କରନ୍ତୁ ।"

ଜଣେ ସଦସ୍ୟ ଖିଲାପକାରୀ ଥିଲେ କି ନାହିଁ, ତାହା ଉପଯୁକ୍ତ ଆଇନଗତ ପ୍ରକ୍ରିୟା ମାଧ୍ୟମରେ ନିଷ୍ପତ୍ତି ହେବା ଆବଶ୍ୟକ ଏବଂ ପ୍ରଥମ ଦୃଷ୍ଟିରୁ ଏଥିପାଇଁ ଆଜ୍ଞାଦେଶ ଆବେଦନ ଆଗତ କରିବା ଏକ ସଠିକ୍ ପନ୍ଥା ନଥିଲା । ଧରିନିଆଯାଉ ଯେ ନିର୍ବାଚନ ପରିଚାଳନା ସମୟରେ ଅଭିଯୁକ୍ତ ଖିଲାପକାରୀମାନଙ୍କ ପକ୍ଷରୁ ରଖାଯାଇଥିବା ଯୁକ୍ତିକୁ ଗ୍ରହଣ କରାଯାଇପାରିବ ଏବଂ ତାହାର ଯାଞ୍ଚ କରାଯାଇପାରିବ, ତଥାପି ଯଦି ଏପରି କରାଯାଏ, ତେବେ ତାହା କେବଳ ନିର୍ବାଚନର ସୀମିତ ଉଦ୍ଦେଶ୍ୟ ପାଇଁ ହିଁ ହୋଇପାରିବ; ଏବଂ ପକ୍ଷମାନଙ୍କର ଅଧିକାର ଓ ଦାୟିତ୍ୱଗୁଡ଼ିକର ଚୂଡ଼ାନ୍ତ ଏବଂ ପ୍ରଭାବଶାଳୀ ନିଷ୍ପତ୍ତି ଦେୱାନୀ ଅଦାଲତ ବଦଳରେ ଆଇନ ଅନୁଯାୟୀ ପ୍ରଦାନ କରାଯାଇଥିବା ମଧ୍ୟସ୍ଥତା ପ୍ରକ୍ରିୟା ଦ୍ୱାରା ହିଁ କରାଯିବ; ଏବଂ ନିର୍ବାଚନ ପ୍ରକ୍ରିୟା ସମୟରେ ଯେଉଁ ନିଷ୍ପତ୍ତି ନିଆଯାଇଥିବ, ତାହା କେବଳ ସେହି ବୈଧାନିକ ମଞ୍ଚର କାର୍ଯ୍ୟାନୁଷ୍ଠାନ ଅଧୀନରେ ରହିବ ଏବଂ ତାହା ଉପରେ କୌଣସି ପ୍ରତିକୂଳ ପ୍ରଭାବ ପକାଇବ ନାହିଁ । ଯେକୌଣସି ପରିସ୍ଥିତିରେ ଉପଯୁକ୍ତ ଶୁଣାଣି ଏବଂ ପ୍ରାସଙ୍ଗିକ ତଥ୍ୟର ବିଚାର ନକରି, ଉଚ୍ଚ ନ୍ୟାୟାଳୟ ଆକସ୍ମିକ ସିଦ୍ଧାନ୍ତରେ ପହଞ୍ଚିଥିବା ପରି ମନେହୁଏ ।ଫଳସ୍ୱରୂପ, ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ଗ୍ରହଣଯୋଗ୍ୟ ନୁହେଁ।ଉଚ୍ଚ ନ୍ୟାୟାଳୟଙ୍କ ରାୟକୁ ଆହୁରି ଦୁର୍ବଳ କରୁଥିବା ଅନ୍ୟ ଏକ ଦିଗ ହେଉଛି, ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇନଥିବା ବ୍ୟକ୍ତିମାନଙ୍କ ସପକ୍ଷରେ ମଧ୍ୟ ଅର୍ଥ ଫେରସ୍ତ ପାଇଁ ଦିଆଯାଇଥିବା ନିର୍ଦ୍ଦେଶ; ଯାହାକି ଦର୍ଶାଉଛି ସେ, ଯେପରି ସମ୍ପୃକ୍ତ ସମବାୟ ସମିତି ଅଧିନିୟମ ଅଧୀନରେ ଥିବା ଏକ ବୈଧାନିକ ମଧ୍ୟସ୍ଥତା ପ୍ରକ୍ରିୟାର ନିଷ୍ପତ୍ତି ନେଉଛନ୍ତି । ଏହା କୌଣସି ସଂସ୍କାର ମାମଲା ନୁହେଁ ଯେ ଅନ୍ୟ କୌଣସି ବ୍ୟକ୍ତିଙ୍କୁ ବେଆଇନ ଭାବରେ ଦେୟ ଦେବାକୁ କୁହାଯାଇଛି, କିମ୍ବା ଏହିପରି କୌଣସି ସଂଗ୍ରହ ବେଆଇନ ଭାବରେ କରାଯାଇଛି । ଅନ୍ୟ ସଦସ୍ୟମାନଙ୍କୁ ଅର୍ଥ ଫେରସ୍ତ ପାଇଁ ନିର୍ଦ୍ଦେଶ, ବୁଦ୍ଧିର ପ୍ରୟୋଗ ବିନା କରାଯାଇଛି ଏବଂ ଯାହା ସମ୍ପୂର୍ଣ୍ଣ ଅନାବଶ୍ୟକ ଥିଲା । ରେକର୍ଡ ଏବଂ ଚିଠିପତ୍ରଗୁଡିକ ଉପସ୍ଥାପନ କରିବାପାଇଁ ସ୍ପଷ୍ଟ ଭାବରେ କୁହାଯାଇଥିଲା । ଯଦି ଉଚ୍ଚ ନ୍ୟାୟାଳୟ ଏହି ପ୍ରସଙ୍ଗରେ ନିଷ୍ପତ୍ତି ନେବାକୁ ଚାହୁଁଥିଲେ, ତେବେ ସେଗୁଡ଼ିକୁ ଅନୁଧ୍ୟାନ କରିବା ପରେ ଏହା କରାଯିବା ଉଚିତ ଥିଲା, ଯାହା ଏପର୍ଯ୍ୟନ୍ତ କରାଯାଇ ନାହିଁ । ଉପରେ ଉଲ୍ଲେଖ କରାଯାଇଥିବା ଭଳି, ଏପରି ନିଷ୍ପତ୍ତି ମଧ୍ୟ ବୈଧାନିକ ମଧ୍ୟସ୍ଥତା ପ୍ରକ୍ରିୟାରେ ହେବାକୁ ଥିବା ଚୂଡ଼ାନ୍ତ ନିଷ୍ପତ୍ତିର ଅଧୀନ ହେବା ଉଚିତ, ଏବଂ ଏହା ଦ୍ୱାରା ପକ୍ଷମାନଙ୍କ ମଧ୍ୟରେ ଥିବା ଦେୱାନୀ ଦାୟିତ୍ୱ ଚୂଡ଼ାନ୍ତ ଭାବେ ସ୍ଥିର କରାଯାଇପାରିବ ନାହିଁ । ତେଣୁ, ଆମେ ଉଚ୍ଚ ନ୍ୟାୟାଳୟର ରାୟକୁ ଅଗ୍ରାହ୍ୟ କରୁଛୁ ଏବଂ ନୂତନ ବିଚାର ପାଇଁ ମାମଲାକୁ ଫେରାଇ ଦେଉଛୁ । ଆମେ ଏହା ସ୍ପଷ୍ଟ କରୁଛୁ ଯେ, ଅନ୍ୟ ସଦସ୍ୟମାନଙ୍କୁ ଟଙ୍କା ଫେରସ୍ତ କରିବା ପାଇଁ ଦିଆଯାଇଥିବା ନିର୍ଦ୍ଦେଶକୁ ରଦ୍ଦ କରିବା ଏବଂ ଉଚ୍ଚ ନ୍ୟାୟାଳୟଙ୍କୁ ଏଭଳି କୌଣସି ନିର୍ଦ୍ଦେଶ ଦେବାରୁ ବିରତ ରଖିବା ବ୍ୟତୀତ, ବାକି ମାମଲାର ବିଚାର, ଆଇନ ଅନୁଯାୟୀ ଏହାର ଗୁଣବତ୍ତା ଆଧାରରେ କରାଯିବ ଏବଂ ଏହି ପ୍ରକ୍ରିୟା କେବଳ ସୀମିତ ଉଦ୍ଦେଶ୍ୟ ଯେପରିକି, ନିର୍ବାଚନ ପ୍ରକ୍ରିୟାରେ ଭାଗ ନେବା ପାଇଁ ସମ୍ପୃକ୍ତ ବ୍ୟକ୍ତି (ମାନଙ୍କୁ) ଙ୍କୁ "ଖିଲାପକାରୀ କିମ୍ବା ନୁହଁନ୍ତି" ବୋଲି ବିବେଚନା କରିବା ପାଇଁ ହିଁ ହୋଇପାରିବ; ଏବଂ ସମ୍ପୃକ୍ତ ସମବାୟ ସମିତି

ଅଧିନିୟମ ଅନୁଯାୟୀ ନିର୍ଦ୍ଧାରିତ ମଞ୍ଚ ମାଧ୍ୟମରେ ଏବଂ ଆଇନ ଅନୁଯାୟୀ କୌଣସି ବି ରାଶି ଆଦାୟ କରିବା ପାଇଁ ସମିତିର ଅଧିକାରକୁ ସବୁଦିନ ପାଇଁ ବନ୍ଦ କରିବା ପାଇଁ ନୁହେଁ ।

ଏହା ଜଣାପଡୁଛି ଯେ ଉତ୍ତରଦାତା ସଂଖ୍ୟା 1 ରୁ 3, ବିବାଦର ସମାଧାନ ପାଇଁ ମାମଲାଟିକୁ ମଧ୍ୟସ୍ଥତାକୁ ପଠାଇବା ପାଇଁ 27.8.2003 ତାରିଖରେ ସମିତିର ନିବନ୍ଧକଙ୍କ ନିକଟରେ ଆବେଦନ କରିଛନ୍ତି, ଯାହାକି ସେମାନଙ୍କର ଦେୱାନୀ ଦାୟିତ୍ୱର ଚୂଡ଼ାନ୍ତ ଏବଂ ପ୍ରଭାବଶାଳୀ ନିଷ୍ପତ୍ତି ପାଇଁ ଏକମାତ୍ର ସଠିକ୍ ପ୍ରକ୍ରିୟା ଅଟେ । ଉତ୍ତରଦାତା 1 ରୁ 3 (ଉଚ୍ଚ ନ୍ୟାୟାଳୟରେ ଆଜ୍ଞାଦେଶ ଆବେଦନକାରୀ) ନିଜେ ସକ୍ଷମ ଅଧିକାରୀଙ୍କ ସମ୍ମୁଖରେ ଆଶ୍ରୟ ନେଇ ସେମାନଙ୍କର ପ୍ରଭାବଶାଳୀ ପ୍ରତିକାରର ସୁଯୋଗ ପାଇସାରିଥିବା ଦୃଷ୍ଟିରୁ, ଆଜ୍ଞାଦେଶ ଆବେଦନରେ ଉପସ୍ଥାପିତ ପ୍ରସଙ୍ଗଗୁଡ଼ିକର ବିଚାର ଦ୍ୱାରା କରାଯିବା କେତେଦୂର ସମୀଚୀନ, ସେ ବିଷୟରେ ଉଚ୍ଚ ନ୍ୟାୟାଳୟ ବିଚାର କରିବେ । ତଦନୁସାରେ ଆବେଦନର ଫଏସଲା କରାଗଲା । ଖର୍ଚ୍ଚ ବାବଦରେ କୌଣସି ଆଦେଶ ରହିବ ନାହିଁ ।

ଆର୍. ପି. ଆବେଦନର ଫଏସଲା କରାଗଲା ।

ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର:

ଶ୍ରୀ ଜଟାଧାରୀ ସେଠୀ

ଉପବିଭାଗ ଅଧିକାରୀ (ଅନୁବାଦ), ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।